بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ୮ ନଭେମ୍ବର ୨୦୨୪ ଖୁତ୍‌ବା ଜୁମାର ସାରାଂଶ
# ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**ତହେରିକେ ଜଦିଦ୍‌ର ନବେ (୯୦)ତମ ବର୍ଷ ପୂର୍ତ୍ତି ଅବସରରେ ଜମାଅତ ଅହେମଦିୟାର ସଦସ୍ୟବୃନ୍ଦ କରିଥିବା ଅର୍ଥଦାନର (ବିଶ୍ୱାସବର୍ଦ୍ଧକ) ବର୍ଣ୍ଣନା ଏବଂ ଏକାନବେ (୯୧)ତମ ବର୍ଷ ଆରମ୍ଭ ହେବାର ଘୋଷଣା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହ୍ମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱର[ଅ.ବ] ସୁରଃ ବକରା'ର ଆୟତ ସଂଖ୍ୟା ୨୭୫ର ଆବୃତ୍ତି କଲେ । ଯାହାର ଅନୁବାଦ ଏପରିକି, ଯେଉଁ ଲୋକମାନେ ନିଜ ଧନକୁ ରାତିରେ ମଧ୍ୟ ଓ ଦିବସରେ ମଧ୍ୟ, ଗୁପ୍ତରେ ମଧ୍ୟ ଓ ପ୍ରକାଶ୍ୟରେ ମଧ୍ୟ ବ୍ୟୟ କରନ୍ତି ତେବେ ସେମାନଙ୍କ ପାଇଁ ତାଙ୍କର ପ୍ରତିଫଳ ସେମାନଙ୍କ ପାଳନକର୍ତ୍ତାଙ୍କ ନିକଟରେ ଅଛି । ଏବଂ ସେମାନଙ୍କୁ କୌଣସି ଭୟ ହେବ ନାହିଁ କି ସେମାନେ ଦୁଃଖିତ ହେବେ ନାହିଁ । ଅଧିକନ୍ତୁ କହିଲେ; ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ ଅହେମଦିୟାର ସଦସ୍ୟବୃନ୍ଦ ଅଲ୍ଲାଃତାଲାଙ୍କର ଏହି ଆଦେଶ ମୁତାବକ ଅର୍ଥଦାନ କରିବା କ୍ଷେତ୍ରରେ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦିତା ମନୋଭାବରେ ଆଗେଇ ଆସିଥାନ୍ତି । ଆମ ଜମାଅତରେ ବିଭିନ୍ନ ପ୍ରକାରର ଚାନ୍ଦା (ପାଣ୍ଠି) ରହିଛି । ଯେପରିକି ଅନିବାର୍ଯ୍ୟ ଚାନ୍ଦା, ଚାନ୍ଦା ଆମ୍, ଚାନ୍ଦା ୱସିୟତ୍, ତହେରିକ୍ ଜଦିଦ୍ ଓ ୱକ୍‌ଫେ ଜଦିଦ୍ ଇତ୍ୟାଦି । ପ୍ରତ୍ୟେକ ସ୍ଥଳେ ଯେଉଁଠାରେ ମଧ୍ୟ ଆବଶ୍ୟକ ପଡ଼େ ଜମାଅତ ଅହେମଦିୟାର ସଦସ୍ୟବୃନ୍ଦ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦିତା ମନୋଭାବରେ ଅର୍ଥଦାନ କରିବାରେ ଭାଗ ନେଇଥାନ୍ତି ଏବଂ ଗୁପ୍ତରେ ଓ ପ୍ରକାଶ୍ୟରେ ଅର୍ଥଦାନ କରିଥାନ୍ତି । ଏହି ଆଶଙ୍କାରୁ ନିର୍ଭୀକ ହୋଇ ଯେ, ତାଙ୍କ ଆର୍ଥିକ ଅବସ୍ଥା ଭୁଷୁଡ଼ି ପଡ଼ିବ ।

ଜମାଅତ ଅହେମଦିୟାର ଅଧିକାଂଶ ସଦସ୍ୟବୃନ୍ଦଙ୍କ ରୋଜଗାର ତ ସ୍ୱଳ୍ପ ଓ ମଧ୍ୟମ ଧରଣ ଉପରେ ପର୍ଯ୍ୟବସିତ । କିନ୍ତୁ ସେମାନଙ୍କ ମଧ୍ୟରେ ଅସାଧାରଣ ବଳିଦାନ କରିଥିବା ଲୋକମାନେ ସାମିଲ ଅଛନ୍ତି । ଯେଉଁମାନେ କେବେ ବି ଏପରି ଉକ୍ତି ପ୍ରକାଶ କରି ନଥାନ୍ତି ଯେ, ଜମାଅତରେ ଏତେ ଗୁଡ଼ାଏ ପାଣ୍ଠି ଖୋଲି ଦିଆଯାଇଛି ଏବଂ ଆମର ଆମଦାନି ସୀମିତ, କେଉଁ ଠାରୁ ଆଣି ଆମେ ଦେବୁ ବରଂ ସେମାନେ ସ୍ୱହୃଦୟରୁ ଓ ଉତ୍ସାହ ପୂର୍ଣ୍ଣତାର ସହିତ ଅର୍ଥଦାନ କରିଥାନ୍ତି । ମୋତେ ଜଣା ଅଛି କେତେକ ଲୋକ ଏପରି ରହିଛନ୍ତି ଯେ ଏକ ମୋଟା ଅଙ୍କର ବଳିଦାନ କରିବା ପରେ ମଧ୍ୟ ବରଂ ଏପରି କହିବା ଉଚିତ୍ ଯେ, ନିଜ ପେଟ କାଟି, ନିଜ ଖୋରାକ କମ୍ କରି, ନିଜ ସନ୍ତାନମାନଙ୍କ ଖର୍ଚ୍ଚ ହ୍ରାସ କରି ଏହି ଅର୍ଥଦାନ କରିଥାନ୍ତି । ସେମାନଙ୍କ ମନରେ ଏହି ଚିନ୍ତା କଦାପି ଉଦ୍ରେକ ହୋଇ ନାହିଁ ଅଥବା ସେମାନେ ଏପରି ଉକ୍ତି କଦାପି ପ୍ରକାଶ କରି ନଥାନ୍ତି ଯେ, ଏତେ ଅଧିକ ଧନ ଆମେ ଦାନ କରୁଅଛୁ ଏହା ସତ୍ତ୍ୱେ ଆମ ଉପରେ ଅଧିକା ବୋଝ କାହିଁକି ଲଦି ଦିଆଯାଉଛି ? ଆମକୁ ମଧ୍ୟ ନିଜର ଅମକ ଅମକ ଉଦ୍ଦେଶ୍ୟ (ଖର୍ଚ୍ଚ) ବହନ କରିବାର ଅଛି ।

ହଜରତ ମୁସଲେହ୍ ମଉଦ[ର.ଅ] ଯେତେବେଳେ ତହେରିକେ ଜଦିଦ୍‌ର ସୁଭାରମ୍ଭ କଲେ ସେତେବେଳେ ଆପଣ[ର.ଅ] ସାଧାରଣ ଜୀବନ ଅତିବାହିତ କରିବାକୁ ଆହ୍ୱାନ ଦେଇଥିଲେ । ଆପଣ[ର.ଅ] କହିଥିଲେ; ଅତି ସରଳ

ଜୀବନଯାପନ କରି ନିଜ ଅର୍ଥ ସଞ୍ଚୟ କର ଏବଂ ତଦ୍‌ନୁଯାୟୀ ଖର୍ଚ୍ଚ କର । ତାହାର ପରିଣାମ ସ୍ୱରୂପ ଅନେକ ଲୋକ ଅତି ମାମୁଲି ଜୀବନଯାପନ ପଦ୍ଧତି ଆପଣାଇ ମୋଟା ଅଙ୍କର ଅର୍ଥଦାନ କରୁଛନ୍ତି । ପ୍ରକାଶ୍ୟରେ ସେମାନଙ୍କ ଅବସ୍ଥା ଦେଖି ମନେ ହୋଇଥାଏ ଯେ, ସେମାନେ ଏତେ ପରିମାଣର ଅର୍ଥଦାନ କରି ନଥିବେ କିନ୍ତୁ ସହସ୍ର ଡ଼ଲାର୍ ଅବା ସହସ୍ର ପାଉଣ୍ଡ ଅବା ସହସ୍ର ୟୁରୋ ରାଶି ଅର୍ଥଦାନ କରିଥାନ୍ତି । ଏହି ନଶ୍ୱର ସଂସାରରେ ଏହି ପାଶ୍ଚାତ୍ୟ ଦେଶମାନଙ୍କରେ ରହି ଏତେ ପରିମାଣରେ ଅର୍ଥଦାନ କରିବା ଏକ ବହୁତ ବଡ଼ କଥା ଏବଂ ଗରିବ ଦେଶ ଯେପରି ପାକିସ୍ତାନ, ହିନ୍ଦୁସ୍ତାନ ଅବା ଆଫ୍ରିକା ଆଦିରେ ବସବାସ କରୁଥିବା ଅହେମଦିମାନଙ୍କର ତ ଉପାର୍ଜନ ଖୁବ୍ ସ୍ୱଳ୍ପ ଏବଂ ବେଶ କଷ୍ଟରେ ସେମାନେ ନିଜ ଗୁଜୁରାଣ ମେଣ୍ଟାଇ ଥାନ୍ତି । ତଥାପି ସେମାନେ ବଳିଦାନ କରି ଚାଲିଛନ୍ତି ଏବଂ ପ୍ରଭୁଙ୍କର ପ୍ରୀତିଭାଜନ ଲାଭ କରିବା ସକାଶେ ଗୋପନରେ ଓ ପ୍ରକାଶ୍ୟରେ ମଧ୍ୟ ବ୍ୟୟ କରୁଛନ୍ତି । **ଏଣୁ ଏମାନେ ସେହି ଲୋକ ଯେ କି ବାସ୍ତବରେ ବିଶ୍ୱାସକାରୀ ଏବଂ ଅଲ୍ଲାଃଙ୍କର ପ୍ରସନ୍ନତା ଲାଭକାରୀ ।** କେତେକ ଲୋକ ଏପରି ଅଛନ୍ତି ଯେତେବେଳେ ତାଙ୍କୁ କୌଣସି (ଅର୍ଥଦାନ କରିବାକୁ) ଡ଼ାକରା ଦିଆଯାଏ ଅଥବା ଯେତେବେଳେ ତହେରିକେ ଜଦିଦ୍ ଅବା ୱକଫେ ଜଦିଦ୍‌ର ଘୋଷଣା କରାଯାଏ ସେତେବେଳେ ସେମାନେ କରଜ ନେଇ ନିଜ ଚାନ୍ଦା ପୈଠ କରି ଦିଅନ୍ତି । ଯଦିଚ କରଜ ନେଇ ଚାନ୍ଦା ଦେବା ଜରୁରୀ ନୁହେଁ । କିନ୍ତୁ ତାଙ୍କୁ ଏଥିପାଇଁ ଭୟ ନଥାଏ, ସେମାନେ ଜାଣନ୍ତି ଯେ, ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କଲେ ସେ ଐଶ୍ୱର୍ଯ୍ୟମୟ ପ୍ରଭୁ ସ୍ୱୟଂ ତାହାର ଭରଣ କରିଦେବେ ।

ସୁତରାଂ ଜମାଅତ ଅହେମଦିୟାକୁ ଅଲ୍ଲାଃତାଲା ବହୁତ ବଡ଼ ବଡ଼ ବଳିଦାନକାରୀ ପ୍ରଦାନ କରିଛନ୍ତି । ଅନ୍ୟମାନଙ୍କ ପରି ଏମାନେ ନୁହନ୍ତି ଯେ, ପାଂଚ/ଦଶ ଟଙ୍କା ଦାନ କରି ଶହେ ଥର ମସଜିଦ୍‌ରେ ଘୋଷଣା କରାଇବେ । ଏପରି ଅନେକ ଘଟଣା ମୋ ସମ୍ମୁଖକୁ ଆସୁଅଛି, ଯେଉଁସ୍ଥଳେ ଲୋକମାନେ ଉଦ୍‌ବେଗର ସହିତ ଅର୍ଥଦାନ କରିବାକୁ ଆଗେଇ ଆସୁଛନ୍ତି । ଏପରି ଲୋକମାନଙ୍କ ମଧ୍ୟରେ ଆଫ୍ରିକା ଦେଶ ମଧ୍ୟ ସାମିଲ ରହିଛି, ୟୁରୋପର ଦେଶମାନ ମଧ୍ୟ ସାମିଲ ରହିଛି, ଏସିଆର ଦେଶମାନ ମଧ୍ୟ ସାମିଲ ରହିଛନ୍ତି । ଗରିବ ଲୋକମାନେ ତ ବହୁତ ବଡ଼ ବଡ଼ ବଳିଦାନ ଦେଉଛନ୍ତି । ଯଦିଚ ସେମାନଙ୍କ ବଳିଦାନ ଅର୍ଥାତ ରାଶିର ପରିମାଣ ଦୃଷ୍ଟିରୁ ଖୁବ୍ ସ୍ୱଳ୍ପ, କିନ୍ତୁ ଓଜନ ଦୃଷ୍ଟିକୋଣରୁ ଅଲ୍ଲାଃତାଲାଙ୍କ ସମକ୍ଷ ବହୁତ ବଡ଼ ବଳିଦାନ । ଏହି ଉତ୍କଣ୍ଠା ମନୋଭାବ ଦୂରଦୂରାନ୍ତରରେ ବାସ କରୁଥିବା ଗରିବ ଦେଶର ଲୋକମାନଙ୍କ ଠାରେ ମଧ୍ୟ ବିଦ୍ୟମାନ ଯେ, ଅର୍ଥଦାନ କରିବା ଦ୍ୱାରା ପରମେଶ୍ୱରଙ୍କ ପ୍ରୀତିଭାଜନ ଲାଭ ହେବା ସହିତ ତାହା ସମସ୍ତ ପ୍ରକାରର ଭୟପ୍ରଦ ଅବସ୍ଥାକୁ ଦୂରେଇ ଦେଇଥାଏ ତଥା ସେମାନଙ୍କ ଆବଶ୍ୟକତା ମଧ୍ୟ ପୂରଣ କରିଥାଏ ।

ଉଦାହରଣ ସ୍ୱରୂପ ଜର୍ମାନୀ ଜମାଅତର ରୋଡ଼ଗାଁ ଅଞ୍ଚଳର ସଦର ସାହେବ ଉଲ୍ଲେଖ କରିଛନ୍ତି କେତେକ ଉତ୍ସର୍ଗୀ ନିଜର ଏକ ମାସର ଆଲାଉନଶ୍ (ବେତନ) ଦାନ କରିବାର ଘୋଷଣା କଲେ । ତାଙ୍କର ଏହି ବଳିଦାନ ଅନ୍ୟ ସଦସ୍ୟବୃନ୍ଦଙ୍କୁ ପ୍ରେରଣ ଦେଲା ଏବଂ ତାହା ଦେଖି ଜଣେ ବନ୍ଧୁ ଏହି ପାଣ୍ଠିରେ ଏକ ମୋଟା ଅଙ୍କର ଚାନ୍ଦା ପୈଠ କରିଦେଲେ । ପୁନଃ ପରବର୍ତ୍ତୀ ବର୍ଷ ସେ ନିଜ ଚାନ୍ଦାକୁ ଦୁଇଗୁଣରୁ ଅଧିକ ବଢାଇ ଦେଲେ । ଏହି ବଳିଦାନ ପୂର୍ଣ୍ଣ ମନୋଭାବ ତାଙ୍କ ଜୀବନକୁ ଅତି ସରଳ ଓ ସ୍ୱଳ୍ପରେ ସନ୍ତୁଷ୍ଟ ହେବାରେ ରୂପାନ୍ତରିତ କରିଦେଲା । ଏପରିକି ସେ ସାଧାରଣ ପରିଧାନ ଓ ଅତି ସରଳ ଜୀବନଯାପନ ଶୈଳୀକୁ ଆପଣାଇ ନେଲେ । ସେକ୍ରେଟାରୀ ମାଲ୍ ସାହେବ କୁହନ୍ତି; **ତାଙ୍କର ପ୍ରକାଶ୍ୟ ଅବସ୍ଥାରୁ ଏହା ପ୍ରତିତ ହେଉ ନଥିଲା ଯେ, ସେ ଏତେ ଅଧିକ ଟଙ୍କା ଚାନ୍ଦା ପୈଠ କରୁଛନ୍ତି ।**

ମହାମହିମ ହୁଜୁର ଅନୱର[ଅ.ବ] କହିଲେ; ଏଥିରୁ ମୋର ଏକ ଘଟଣା ମଧ୍ୟ ମନେ ପଡ଼ିଗଲା ଯେ, କରାଚି (ସହର)ରେ ଆମର ଜଣେ ମିତ୍ର ଶ୍ରୀମାନ ଶେଖ୍ ମଜିଦ୍ ସାହେବ ଥିଲେ । ସେ ବହୁତ ଅଧିକ ଅର୍ଥଦାନ କରୁଥିଲେ ଏବଂ ନିଜ ଘରଖର୍ଚ୍ଚ (ଅତ୍ୟାବଶ୍ୟକ) ପାଇଁ ଅର୍ଥ ରଖି ବାକିତକ ରାଶି ସମସ୍ତ ପାଣ୍ଠିରେ ବଢ଼ିଚଢ଼ି ଦାନ କରି

ଦେଉଥିଲେ । **ସେ ଏହି କଥା କହୁଥିଲେ ଯେ, ମୁଁ ଯେଉଁ କାରବାର କରୁଅଛି ତାହା କେବଳ ଜମାଅତ ପାଇଁ ହିଁ କରୁଅଛି ।**

କାଦିୟାନରୁ ୱ୍ୱକିଲୁଲ୍ ମାଲ୍ ଉଲ୍ଲେଖ କରିଛନ୍ତି ଯେ, କେରଳ ରାଜ୍ୟର ଜଣେ ସଦସ୍ୟ କୁହନ୍ତି; ପୂର୍ବେ ମୋର ଅବସ୍ଥା ଅତି ଶୋଚନୀୟ ଥିଲା, ମୋତେ କୌଣସି ସ୍ଥଳେ କାମ ମିଳୁ ନଥିଲା । ଶେଷରେ ମୁଁ ଚିନ୍ତା କଲି ଆଉ ତ ବିଶେଷ କିଛି କରିବାର ମୋର ସମ୍ବଳ ନାହିଁ, ଚାଲ କପଡ଼ା ବ୍ୟବସାୟ ଆରମ୍ଭ କରି ଦେଖେ । ଅତଏବ ମୁଁ ଫୁଟପାଥ୍‌ରେ ଗୋଟିଏ ମେଜ୍‌ରେ କିଛି କପଡ଼ା ଲଗାଇ କାମ ଆରମ୍ଭ କଲି ଏବଂ ନିୟମିତ ରୂପେ ଚାନ୍ଦା ପୈଠ କରୁଥିଲି । ଅଲ୍ଲାଃତାଲାଙ୍କ କୃପାରୁ ମୋ ଆମଦାନିରେ ବରକତ୍ (କଲ୍ୟାଣ)ପଡ଼ିଲା ଏବଂ ସେ କୁହନ୍ତି; ଏବେ ମୁଁ ବହୁ ପରିମାଣରେ ଅର୍ଥଦାନ କରୁଅଛି । ମାତ୍ର ଦୁଇ ତିନି ବର୍ଷରେ ମୋର କାରବାର ମଧ୍ୟ ବ୍ୟାପକ ହୋଇଗଲାଣି । ଅଲ୍ଲାଃତାଲାଙ୍କ ମାର୍ଗରେ (ନିଷ୍ଠାର ସହିତ) ମୁଁ ବଳିଦାନ ପୂର୍ବକ ନିୟମିତ ରୂପେ ଯେଉଁ ଚାନ୍ଦା ଦେଉଥିଲି ଏସବୁ ତାହାରି ପରିଣାମ ଅର୍ଥାତ ମୋ କାରବାରରେ ବରକତ୍ ପଡ଼ିବା । ବିଶ୍ୱର ଉତ୍କଟ ପରିସ୍ଥିତି ଯୋଗୁଁ ଅନ୍ୟମାନଙ୍କ ଆର୍ଥିକ ସ୍ତର ଅଧୋଗତି ଘଟି ଚାଲିଥିଲା କିନ୍ତୁ ମୁଁ ତ ଲାଭବାନ ହୋଇ ଚାଲିଥିଲି । ଏବେ ତାଙ୍କର ନିଜସ୍ୱ ବଡ଼ ବଡ଼ ଦୋକାନ୍ ଓ ମଲ୍ ରହିଛି । ଦେଖ ଦିନେ ଯେ ଫୁଟପାଥ୍‌ରେ ଗୋଟିଏ ଠେଲା ଲଗାଇ, ମେଜ୍‌ରେ କିଛି କପଡ଼ା ରଖି ବ୍ୟବସାୟ କରୁଥିଲେ, ଏବେ ସେ ବଡ଼ ବଡ଼ ଶୋରୁମ୍‌ର ମାଲିକ । ଅଲ୍ଲାଃତାଲାଙ୍କ କୃପାରୁ ସେ ଏବେ ଲକ୍ଷ ଲକ୍ଷ ଟଙ୍କା ଚାନ୍ଦା ଦେଉଛନ୍ତି । ଚଳିତ ବର୍ଷ ସେ ତହେରିକେ ଜଦିଦ୍ ପାଣ୍ଠିରେ ଦଶ ଲକ୍ଷ ଟଙ୍କା ଚାନ୍ଦା ଦେଇଛନ୍ତି ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏପରି ନୁହେଁ କି ଏସବୁ କେବଳ ଗରିବ ଦେଶମାନଙ୍କର କଥା । ଯେଉଁମାନେ ବିଶ୍ୱାସରେ ସୁଦୃଢ଼ ଓ ସଶକ୍ତ ସେମାନେ ଏପରି ଦୃଶ୍ୟ ଦେଖିଥାନ୍ତି, ଯେଉଁମାନେ ପବିତ୍ର ଉଦ୍ଦେଶ୍ୟ ରଖି ଅଲ୍ଲାଃତାଲାଙ୍କ ସକାଶେ ବଳିଦାନ କରିଥାନ୍ତି ସେମାନେ ଏପରି ଚମତ୍କାର ଦେଖିଥାନ୍ତି । **ଅଲ୍ଲାଃତାଲା ସେମାନଙ୍କୁ ଏପରି ନିଦର୍ଶନ ଦେଖାଇଥାନ୍ତି, ତେଣିକି ସେ ଧନାଢ଼୍ୟ ଦେଶର ବାସିନ୍ଦା ହୁଅନ୍ତୁ ଅବା ଗରିବ ଦେଶର ।** ତାଙ୍କ ଧର୍ମକୁ ଦୃଢ଼ତା ପ୍ରଦାନ କରିବାର ବ୍ୟବସ୍ଥା କରିଥାନ୍ତି ଏବଂ ତାଙ୍କ ବିଶ୍ୱାସକୁ ସୁଦୃଢ଼ କରିଥାନ୍ତି । ଏପରି ଅଗଣିତ ଘଟଣାବଳୀ ରହିଛି, ଯେଉଁଥିରେ ପରାକ୍ରମୀ ଅଲ୍ଲାଃ ନିଜ ପ୍ରିୟ ଭକ୍ତମାନଙ୍କର ବିଶ୍ୱାସକୁ ସୁଦୃଢ଼ କରିବାର ବର୍ଣ୍ଣନା ଉଲ୍ଲେଖ ରହିଛି । ତାହାକୁ ଦେଖି ଅନ୍ୟମାନେ ମଧ୍ୟ ସେଥିରୁ ଉପକୃତ ହୋଇଥାନ୍ତି ଅର୍ଥାତ ଯେତେବେଳେ ସେମାନେ ଏପରି ଚମ୍‌କାର ପୂର୍ଣ୍ଣ ଖବର ଶୁଣନ୍ତି ସେତେବେଳେ ସେମାନଙ୍କ ମଧ୍ୟରେ ଏପରି (ବଳିଦାନ କରିବାର) ଆତ୍ମ ସଂଚାର ହୋଇ ଯାଇଥାଏ ।

ଏଥିଅନ୍ତେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଗତବର୍ଷରେ ତେହରିକେ ଜଦିଦ୍‌ର (ସଂକ୍ଷିପ୍ତ) ବିବରଣୀ ଉପସ୍ଥାପନ କରି ନୂତନ ବର୍ଷର ଘୋଷଣା କଲେ । ହୁଜୁର ଅନଓ୍ୱର[ଅ.ବ] ନବେ (୯୦)ତମ ବର୍ଷ ପୂର୍ତ୍ତିର ମୋଟାମୋଟି ହିସାବ ବର୍ଣ୍ଣନା କରି କହିଲେ; ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ ଚଳିତ ବର୍ଷ ୧୭.୯୮ମିଲିୟନ୍ ପାଉଣ୍ଡର ବଳିଦାନ କରିବାର ସୌଭାଗ୍ୟ ଅର୍ଜନ କରିଛି । ଅଲ୍‌ହମ୍‌ଦୁଲିଲ୍ଲାଃ । ଯାହାକି ଗତବର୍ଷ ତୁଳନାରେ ସାତ ଲକ୍ଷ ୭୯ହଜାର ପାଉଣ୍ଡ ଅଧିକ । ସାମୂହିକ ଆଦାୟ ଦୃଷ୍ଟିକୋଣରୁ ପ୍ରଥମ ଦଶ ଗୋଟି ଜମାଅତ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି; ଜର୍ମାନୀ, ଇଂଲଣ୍ଡ, ଆମେରିକା, କାନେଡ଼ା, ମଧ୍ୟଏସିଆର ଏକ ଜମାଅତ, ଭାରତ, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ମଧ୍ୟଏସିଆର ଏକ ଜମାଅତ, ଘାନା ଇତ୍ୟାଦି । ବ୍ୟକ୍ତିଗତ ଆଦାୟ ଦୃଷ୍ଟିକୋଣରୁ ସ୍ଥାନ ଅଧିକାର କରିଥିବା ଦେଶଗୁଡ଼ିକ ହେଲେ- ଆମେରିକା, ସୁଇଜର୍ଲ୍ୟାଣ୍ଡ, ଇଂଲଣ୍ଡ, କାନେଡ଼ା, ଅଷ୍ଟ୍ରେଲିଆ ଇତ୍ୟାଦି ।

ଚର୍ଚ୍ଚା ଯୋଗ୍ୟ ଜମାଅତମାନଙ୍କ ମଧ୍ୟରେ ସ୍ଥାନ ଅଧିକାର କରିଥିବା ଦେଶଗୁଡ଼ିକ ହେଲେ- ବଙ୍ଗଳାଦେଶ, ନାଇଜେରିୟା, ହଲାଣ୍ଡ, ଅଷ୍ଟ୍ରିୟା, ଫ୍ରାନସ୍, ସୁଇଜରଲ୍ୟାଣ୍ଡ, ଆୟରଲ୍ୟାଣ୍ଡ, ମଧ୍ୟଏସିଆର ଏକ ଜମାଅତ । ଏହି ଅବସରରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ବଙ୍ଗଳାଦେଶର ଜମାଅତ ପାଇଁ ଦୁଆ କରିବାକୁ ଆହ୍ୱାନ ମଧ୍ୟ ଦେଲେ ।

ତେହରିକେ ଜଦିଦ୍‌ରେ ସାମିଲ ରହିଥିବା ସଦସ୍ୟବୃନ୍ଦଙ୍କ ମୋଟ ସଂଖ୍ୟା ୧୬ଲକ୍ଷ ୮୧ହଜାର ଅଟେ । ସାମୂହିକ ବଳିଦାନ ଦୃଷ୍ଟିକୋଣରୁ ଗତବର୍ଷ ତୁଳନାରେ ୫୦ହଜାର ଅଧିକ ହୋଇଛି । ଚାନ୍ଦାରେ ଅଭିବୃଦ୍ଧି କରିବା ଦୃଷ୍ଟିକୋଣରୁ ଆଲୋଚନା ଯୋଗ୍ୟ ଦେଶଗୁଡ଼ିକ ହେଲେ- ନାଇଜେରିୟା, କଙ୍ଗୋ ବ୍ରାଜିଲ୍, ନାଇଜର୍, ଗେମ୍ବିୟା, କଙ୍ଗୋ କିନ୍‌ସାସା, କ୍ୟାମରୁନ୍, ଗିନୀ କନାକରୀ, ଗିନୀ ବସାଓ, ୟୁଗାଣ୍ଡା, ସେରେଲିଓନ୍ ।

ଭାରତର ପ୍ରଥମ ଦଶ ଗୋଟି ରାଜ୍ୟ ମଧ୍ୟରେ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି; କେରଳ, ତାମିଲ୍‌ନାଡୁ, ତେଲେଙ୍ଗାନା, ଓଡ଼ିଶା, କର୍ଣ୍ଣାଟକ, ଜାମ୍ମୁକାଶ୍ମିର, ପଞ୍ଜାବ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଓ ଦିଲ୍ଲୀ ଇତ୍ୟାଦି । ଏହିପରି ପ୍ରଥମ ଦଶ ଗୋଟି ଜମାଅତ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି- ହାଇଦ୍ରାବାଦ, କାଦିୟାନ, କାଲିକଟ୍, କୋଏମ୍ବଟୁର, ମଞ୍ଜେରୀ, ମେଲାପାଲମ୍, ବ୍ୟାଙ୍ଗଲୋର, କେରଙ୍ଗ ଓ କରୁଲାଇ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] ହଜରତ ମସିହ ମଉଦ [ଅ.ସ]ଙ୍କ ପବିତ୍ର ନୀତିବାଣୀ ଉପସ୍ଥାପନ କରିବା ପରେ କହିଲେ; ଅଲ୍ଲାଃତାଲା କରନ୍ତୁ ଯେ, ଆମେମାନେ ହଜରତ ମସିହ ମଉଦ [ଅ.ସ]ଙ୍କ ଉଚ୍ଚାକାଂକ୍ଷାନୁଯାୟୀ ବଳିଦାନ କରିବାରେ ଆଗକୁ ବଢ଼ି ଚାଲୁ । ଅର୍ଥଦାନ କରିବାରେ ଓ ନିଜ ଆଧାତ୍ମିକ ଅବସ୍ଥାରେ ମଧ ଉନ୍ନତି କରିଚାଲୁ । ଅଲ୍ଲାଃତାଲାଙ୍କ ସହିତ ନିଜ ସମ୍ପର୍କକୁ ସୁଦୃଢ଼ କରିଚାଲୁ ଏବଂ କେବଳ ଅର୍ଥଦାନ କରିବାରେ ନୁହେଁ, ବରଂ ପ୍ରତ୍ୟେକ ପରିସ୍ଥିତିରେ ନିଜ ବ୍ୟବହାରିକ ଜୀବନରେ ଅନୁକରଣୀୟ ନମୁନା ଉପସ୍ଥାପନ କରନ୍ତୁ, ଯାହାକି ଜଣେ ପ୍ରକୃତ ମୁସଲମାନର ନମୁନା । ଯେତେବେଳେ ଏପରି ହେବ ସେତେବେଳେ ଆମେ ଜମାଅତର ପ୍ରଗତିକୁ ମଧ ସ୍ୱଚକ୍ଷୁରେ ଅବଲୋକନ କରିପାରିବା ଏବଂ ପୂର୍ବାପେକ୍ଷା ଅଧିକ ଉନ୍ନତି ଓ ବିକାଶ ତଥା ପରମେଶ୍ୱରଙ୍କ କୃପା ଅବଲୋକନ କରିବା । ଇନ୍‌ଶାଅଲ୍ଲାଃ । ଶତ୍ରୁକୁ ବିଫଳ ଓ ଅପଦସ୍ତ ହେବାର ଅବଲୋକନ କରିବା । ଅଲ୍ଲାଃତାଲା ସେହିଦିନ ଶୀଘ୍ର ଘେନି ଆଣନ୍ତୁ ଏବଂ ଆମେ ତାହାକୁ ସ୍ୱଚକ୍ଷୁରେ ଅବଲୋକନ କରିନେଉ । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ସେ ସମସ୍ତ ଲୋକମାନେ ଯେ ଅର୍ଥଦାନ କରିଛନ୍ତି, ଅଲ୍ଲାଃତାଲା ସେମାନଙ୍କୁ ତାହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ ଏବଂ ସେମାନଙ୍କ ପରିବାର ଓ ଧନସମ୍ପତ୍ତିରେ ଅଜସ୍ର ବରକତ୍ ଅଜାଡ଼ି ଦିଅନ୍ତୁ । ଆସନ୍ତାରେ ସେମାନେ ଉତ୍ତମରୁ ଉତ୍ତମ ଶୈଳୀରେ ନିଜ ଜୀବନ ଅତିବାହିତ କରନ୍ତୁ । ସେମାନଙ୍କ ସନ୍ତାନସନ୍ତତି ତାଙ୍କ ଚକ୍ଷୁକୁ ଶୀତଳତା ପ୍ରଦାନ କରନ୍ତୁ ଏବଂ ସେମାନେ ସ୍ୱୟଂ ମଧ ପ୍ରଭୁଙ୍କ ସାନିଧ ଲାଭ କରିବାରେ ଆଗକୁ ବଢ଼ି ଚାଲନ୍ତୁ । ଅଲ୍ଲାଃ ଏହିପରି ହିଁ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

8th November 2024

*Translated to Odia by :* Moulavi Anwar Ahmad Khan